सत्यमेव जयते

# କେନ୍ଦ୍ରୀୟ ପାସ୍‌ପୋର୍ଟ ସଂଗଠନ

## (CENTRAL PASSPORT ORGANISATION)

## ବିଦେଶ ମନ୍ତ୍ରଣାଳୟର ୨୦୧୬ ବର୍ଷ ପାଇଁ ପାରପତ୍ର (ପାସ୍‌ପୋର୍ଟ) ମୁଦ୍ରଣ ଏବଂ ପାରପତ୍ର(ପାସ୍‌ପୋର୍ଟ) ସେବା ପ୍ରଦାନ ପାଇଁ ନାଗରିକ ଅଧିକାର ଘୋଷଣାପତ୍ର ।



सत्यमेव जयते

# କେନ୍ଦ୍ରୀୟ ପାସ୍‌ପୋର୍ଟ ସଂଗଠନ

## (CENTRAL PASSPORT ORGANISATION)

## ବିଦେଶ ମନ୍ତ୍ରଣାଳୟର ୨୦୧୬ ବର୍ଷ ପାଇଁ ପାରପତ୍ର (ପାସ୍‌ପୋର୍ଟ) ମୁଦ୍ରଣ ଏବଂ ପାରପତ୍ର(ପାସ୍‌ପୋର୍ଟ) ସେବା ପ୍ରଦାନ ପାଇଁ ନାଗରିକ ଅଧିକାର ଘୋଷଣାପତ୍ର ।



## ୧.  ପରିଚୟ :

୧.୧  ବିଦେଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ନିଜ ଅଧୀନସ୍ଥ କାର୍ଯ୍ୟାଳୟ କେନ୍ଦ୍ରୀୟ ପାସପୋର୍ଟ(ପାରପତ୍ର) ସଂଗଠନ ଏବଂ ଦେଶ ବିଦେଶରେ ଖୋଲାଯାଇଥିବା ପାସପୋର୍ଟ(ପାରପତ୍ର) ମୁଦ୍ରଣ ପ୍ରାଧିକରଣ ଶାଖାମାନଙ୍କ ମାଧ୍ୟମରେ ଭାରତୀୟ ପାସପୋର୍ଟ(ପାରପତ୍ର) ଏବଂ ଅନ୍ୟ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର, ଜରୁରୀ କାଳୀନ ପ୍ରମାଣ ପତ୍ର, ପୋଲିସ୍ ଆପତ୍ତି ନଥିବା ପ୍ରମାଣ ପତ୍ର ଏବଂ ନିୟନ୍ତ୍ରଣରେଖା(LOC)ର ଅତିକ୍ରମ ପାଇଁ ଅନୁମତି ପତ୍ର ଦିଆଯାଏ ।

୧.୨  ଭାରତୀୟ ନାଗରିକମାନଙ୍କୁ ପାରପତ୍ର ଏବଂ ଅନ୍ୟ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ରର ମୁଦ୍ରଣ ପାସପୋର୍ଟ(ପାରପତ୍ର) ଅଧିନିୟମ, ୧୯୬୭ ଦ୍ୱାରା ନିୟନ୍ତ୍ରିତ ହୁଏ । ଏହି ଅଧିନିୟମ କୌଣସି ବ୍ୟକ୍ତିଙ୍କୁ ବୈଧ ପାସପୋର୍ଟ(ପାରପତ୍ର) କିମ୍ବା ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର ବିନା ଭାରତ ବାହାରକୁ ଯିବା ପାଇଁ ଅନୁମତି ଦେଇ ନଥାଏ । ଏହି ଅଧିନିୟମ ପାସପୋର୍ଟ(ପାରପତ୍ର) ଏବଂ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର ପାଇବା ପାଇଁ ପଦ୍ଧତି ଉପଲବ୍ଧ କରାଏ ଏବଂ ସେହି ଅଧାର ଗୁଡ଼ିକୁ ନିର୍ମଳ ଭାବେ ବ୍ୟାଖ୍ୟା କରେ ଯେଉଁ କାରଣ ପାଇଁ ପାରପତ୍ର ଏବଂ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ର ପାଇବା ପାଇଁ ଆବେଦନକୁ ଅସ୍ୱୀକାର କରାଯାଇପାରେ । ଏହି ଅଧିନିୟମ ପାସପୋର୍ଟ(ପାରପତ୍ର) ଏବଂ ଭ୍ରମଣ ସମ୍ବନ୍ଧୀୟ କାଗଜପତ୍ରକୁ ବଳ ପୂର୍ବକ ଅଧିକୃତ (SEIZE)ଏବଂ ଅବୈଧ ଘୋଷଣା କରାଇବାପାଇଁ ବ୍ୟବସ୍ଥା ମଧ୍ୟ ନିର୍ମାଣ କରେ ଏବଂ ବଳ ପୂର୍ବକ ଅଧିକୃତ (SEIZE) ଓ ଅବୈଧ ଘୋଷଣାର କାରଣ ଗୁଡ଼ିକୁ ସ୍ପଷ୍ଟ ରୂପେ ବ୍ୟାଖ୍ୟା କରେ । ପାସପୋର୍ଟ(ପାରପତ୍ର) ଅସ୍ୱୀକାର, ବଳ ପୂର୍ବକ ଅଧିକୃତ(SEIZE) ଏବଂ ଅବୈଧ ଘୋଷଣା ବିରୁଦ୍ଧରେ ଅପିଲ୍ ପାଇଁ ଅଧିନିୟମରେ ଉଚିତ୍ ବ୍ୟବସ୍ଥା କରାଯାଇଛି ।

## ୨.	ନାଗରିକ ଅଧିକାର ଘୋଷଣାପତ୍ର :

୨.୧	ଏହି ନାଗରିକ ଅଧିକାର ଘୋଷଣାପତ୍ର ବିଦେଶ ମନ୍ତ୍ରଣାଳୟ, କେନ୍ଦ୍ରୀୟ ପାସପୋର୍ଟ ସଂଗଠନର ପ୍ରଶାସନିକ ନିୟନ୍ତ୍ରଣ ଅଧିନରେ ଭାରତରେ କାର୍ଯ୍ୟରତ ପାସପୋର୍ଟ କାର୍ଯ୍ୟାଳୟମାନଙ୍କ ଦ୍ୱାରା ପାସପୋର୍ଟ ସେବା ସମୁହ ପ୍ରଦାନ କରିବା ସମ୍ବନ୍ଧୀୟ ଅଟେ । ଭାରତୀୟ ମିଶନ୍ ବା ପୋଷ୍ଟ ଦ୍ୱାରା ବିଦେଶରେ ପାସପୋର୍ଟ ସେବା ପ୍ରଦାନ କରିବା ଏହି ନାଗରିକ ଅଧିକାର ଘୋଷଣା ପତ୍ରର ସୀମା ବାହାରେ ଅଟେ ।

## ୩.	ଦୃଷ୍ଟି କଥନ :

୩.୧	ବିଦେଶ ମନ୍ତ୍ରଣାଳୟ ନିଜର ପାସପୋର୍ଟ ଲାଗୁକର୍ତ୍ତା ପ୍ରାଧିକରଣ (PASSPORT ISSUEING AUTHORITY)କଲ ମାଧ୍ୟମରେ ପାସପୋର୍ଟ ଅଧିନିୟମ, ୧୯୬୭ର ଉପବନ୍ଧ ଏବଂ ଏହି ଅଧିନିୟମ ଅଧିନରେ କରାଯାଇ ଥିବା ନିୟମ ଅନୁସାରେ ବ୍ୟବସ୍ଥିତ କାର୍ଯ୍ୟପ୍ରଣାଳୀ ପ୍ରତିବନ୍ଧ, ପ୍ରଶିକ୍ଷିତ ଏବଂ ଉତ୍ସାହି କର୍ମଚାରୀ ଗୋଷ୍ଠି ମାଧ୍ୟମରେ ପାରପତ୍ର ସେବା ସବୁକୁ ସମୟାନୁବର୍ତ୍ତିତା, ପାରଦର୍ଶୀ, ଅଧିକ ସୁଗମନ, ବିଶ୍ୱାସନୀୟ ଏବଂ ସୁବିଧାଜନକ ବାତାବରଣ ଅଧାରରେ ପ୍ରଦାନ କରିବେ ।

## ୪.	ସେବା ସୂଚୀ :

୪.୧	* ପାସପୋର୍ଟ ଲାଗୁକରଣ
* ପୋଲିସ୍ ଆପତ୍ତି ନଥିବା ପ୍ରମାଣ ପତ୍ର ଲାଗୁକରଣ
* (ପାସପୋର୍ଟ ) ପାରପତ୍ର ତ୍ୟାଗର ପ୍ରମାଣପତ୍ର ଦେବା
* (ପାସପୋର୍ଟ ) ପାରପତ୍ର ଆଧାରିତ ଅନ୍ୟସେବା ପ୍ରଦାନ କରିବା

୪.୨	ନାଗରିକମାନଙ୍କ ସୁବିଧା ପାଇଁ ପାସପୋର୍ଟ ସେବାର ଶୁଳ୍କ ଏବଂ ଆବଶ୍ୟକ କାଗଜପତ୍ର ସହିତ ବିସ୍ତୃତ ଦିଗଦର୍ଶନ ଏବଂ ତତ୍ସମ୍ବନ୍ଧୀୟ ସୂଚନା ପୋର୍ଟାଲ୍ www.passportindia.gov.in ରେ ଦିଆଯାଇ ଅଛି ।